# ନାନାବାୟା

ଜଗନ୍ନାଥ ପ୍ରସାଦ ଦାସଙ୍କ

ଅନାବନା ଗୀତ

ସଂପାଦନା

ସୁମନ୍ୟୁ ଶତପଥୀ

ଚିତ୍ରାଙ୍କନ

ପ୍ରିୟଦର୍ଶୀ ପଟ୍ଟନାୟକ

Digitized by PPRACHIN, SOA

# ନାନାବାୟା

Digitized by PPRACHIN, SOA

Digitized by PPRACHIN, SOA

# ନାନାବାୟା

## ଜଗନ୍ନାଥ ପ୍ରସାଦ ଦାସଙ୍କ ଅନାବନା ଗୀତ




ସଂପାଦନା
**ସୁମନ୍ୟୁ ଶତପଥୀ**
ଚିତ୍ରାଙ୍କନ
**ପ୍ରିୟଦର୍ଶୀ ପଟ୍ଟନାୟକ**

nbt.india
एकः सूते सकलम्

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Digitized by PPRACHIN, SOA

*ଲେଖକଙ୍କ ଆଳିମାଳିକା (୧୯୯୩), ଆଳୁକୁଚି ମାଳୁକୁଚି (୧୯୯୩) ଓ ଅନାବନା (୨୦୦୮) ସଂକଳନରୁ ସଂଗୃହୀତ ।*

ISBN 978-81-237-9005-3

ପ୍ରଥମ ସଂସ୍କରଣ 2019 (ଶକାବ୍ଦ 1941)

© ଜଗନ୍ନାଥ ପ୍ରସାଦ ଦାସ

ଅନୁବାଦ © ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Nanasense *(English)*

Nanabaya (*Odia*)

**₹ 100.00**

ନିର୍ଦ୍ଦେଶକ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ନେହେରୁ ଭବନ, 5, ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଫେଜ୍ – II

ବସନ୍ତକୁଞ୍ଜ, ନୂଆ ଦିଲ୍ଲୀ – 110070 କର୍ତ୍ତୃକ ପ୍ରକାଶିତ

Website : www.nbtindia.gov.in

Digitized by PPRACHIN, SOA



# ସୂଚୀ


*ଭୂମିକା / vii*

*ଚିତ୍ରକରଙ୍କ ମତ / xi*

ପ୍ରଥମ ଭାଗ

ବିଲୁଆ ନନା / 3

ବିଲେଇ ନାନୀ / 5

ଲିମେରାଇକ୍ସ / 6

ଖଣ୍ଡା ନାକ / 7

ନଈପାରି / 8

ନାଟର ଗୋବର୍ଦ୍ଧନ / 12

ପେଚା ଓ ମାଙ୍କଡ଼ୀ / 15

ଇଂରେଜୀ ଟେଷ୍ଟ / 17

ପରୀକ୍ଷା / 19

ପୋଷା ଭାଷା / 21

ଉଡ଼ା ଖବର / 22

ପୋଡ଼ା କପାଳ / 25

ଡର / 26

ଏ ବି ସିଡ଼ି / 28

ଉତ୍ତମ ମଧ୍ୟମ / 31

ରାଷ୍ଟ୍ରଭାଷା / 32


Digitized by PPRACHIN, SOA

## ଦ୍ୱିତୀୟ ଭାଗ

ଅନୁବାଦ / 35
ଦଳ ବଦଳ / 36
ନବରଙ୍ଗ ମହାନ୍ତି / 39
ଚିଠି / 41
କିଏ କେମିତି ଗଲା / 43
ବୁଲୁ ପଟ୍ଟନାୟକ / 45
ଓଟା ବାବୁ / 47
ବିଲାତଫେରନ୍ତା / 49
କଟକର ଯୁବକ / 50
ଡାକବଙ୍ଗଳାରେ ରାତି / 51
ପଦକାର / 53
ଆଠଗଡ଼ର ପିଲା / 55
ସମୀକ୍ଷକ / 56
ଭାଗୀରଥି ଭାଇନା / 57
ପ୍ରଫେସର କର / 58
ସଦାନନ୍ଦ ଶତପଥୀ / 60
ହାଇକୁ / 63
ସରଳାର୍ଥ / 64
କଥା ଉଠେ / 66
ଦନ୍ତ୍ୟ / 67
ନାନାବାୟା / 69
ଘର / 70
ସତ୍ୟାସତ୍ୟ / 72

Digitized by PPRACHIN, SOA

# ଭୂମିକା

ଓଡ଼ିଆ ଭାଷାରେ ଆଧୁନିକ ଶିଶୁ-ସାହିତ୍ୟର ସ୍ଥାନ ନଗଣ୍ୟ ନୁହେଁ ସତ, କିନ୍ତୁ ବିଶ୍ୱ ଶିଶୁ-ସାହିତ୍ୟ ଦରବାରରେ ଏହାର ଅବଦାନ ବିଶେଷ ମହତ୍ତ୍ୱପୂର୍ଣ୍ଣ ପରି ମନେହୁଏ ନାହିଁ । କାରଣ ଖୋଜିବାକୁ ଯାଇ କହିହେବ ଯେ ଯଦିଓ ବଙ୍ଗଳା, ମରାଠୀ ପରି ଅନ୍ୟାନ୍ୟ ଭାରତୀୟ ଭାଷାର ପ୍ରମୁଖ ସାହିତ୍ୟିକମାନେ ଶିଶୁ-ସାହିତ୍ୟ ଲେଖିବାରେ ବିଶେଷ ଆଗଭର ହୋଇଛନ୍ତି, ସେ ତୁଳନାରେ ଓଡ଼ିଶାର ପ୍ରମୁଖ ଲେଖକ-ଲେଖିକା ବିଶେଷ ଆଗ୍ରହ ପ୍ରକାଶ କରି ନାହାନ୍ତି । ଅବଶ୍ୟ ଆଧୁନିକ ଓଡ଼ିଆ ସାହିତ୍ୟର ଆଦିପର୍ବରେ ଫକୀରମୋହନ ସେନାପତି, ମଧୁସୂଦନ ରାଓ ତଥା ନନ୍ଦକିଶୋର ବଳ ଏବଂ ପରବର୍ତ୍ତୀ ସମୟରେ ଅନନ୍ତ ପଟ୍ଟନାୟକ, ରାମକୃଷ୍ଣ ନନ୍ଦ, ମନୋଜ ଦାସ ଏବଂ ଦାଶ ବେନହୁର ଏହିଭଳି କେତେଜଣ ଲେଖକ ଓଡ଼ିଆ ଶିଶୁସାହିତ୍ୟର ବଳିଷ୍ଠ ପରମ୍ପରା ସୃଷ୍ଟି କରିବାରେ ଚେଷ୍ଟିତ ଥିଲେ ବା ଅଛନ୍ତି । କିନ୍ତୁ ପ୍ରାୟତଃ ପ୍ରମୁଖ ସାହିତ୍ୟଶିଳ୍ପୀମାନେ ଏହି ପରମ୍ପରାକୁ ସମୃଦ୍ଧ କରିବା ପାଇଁ ମନ ବଳାଇ ନାହାନ୍ତି । ଏପରି ଅନାଗ୍ରହର କାରଣ ଅନୁସନ୍ଧାନ କଲେ ଆମ୍ଭମାନଙ୍କ ମଧ୍ୟରେ ମତାନ୍ତର ହୋଇପାରେ । ହେବା ମଧ୍ୟ ସ୍ୱାଭାବିକ । କିନ୍ତୁ ଏଠାରେ ସଂକଳିତ ଶିଶୁ-କବିତାରେ ପ୍ରତିଷ୍ଠିତ କବି ଜଗନ୍ନାଥ ପ୍ରସାଦ ଦାସଙ୍କ ଅଭିଜ୍ଞତା ଆମକୁ ଗୋଟାଏ କାରଣ ପ୍ରତି ସଚେତନ କରିପାରେ ।

ଶୁଣାଯାଏ, ଜଗନ୍ନାଥ ପ୍ରସାଦ (ଜେପି) ତାଙ୍କର କିଛି ଶିଶୁ-କବିତାର ଏକ ସଂକଳନ ପ୍ରକାଶ ପାଇଁ ପ୍ରସ୍ତାବଟିଏ ଜନୈକ ପ୍ରକାଶକଙ୍କ ପାଖରେ ରଖିଥିଲେ । ଉତ୍ତରରେ ପ୍ରକାଶକ ତାଙ୍କୁ ଉପଦେଶ ଛଳରେ କହିଥିଲେ, "ସାର, ଆପଣ ଏତେ ବଡ଼ ଜଣେ କବି । ଓଡ଼ିଶାରେ ଆପଣଙ୍କ ଏତେ ଖ୍ୟାତି । ଏଭଳି କବିତା ଲେଖି କାହିଁକି ଆପଣ ପାଠକପାଠିକାମାନଙ୍କ ଆଗରେ ଛୋଟ ହେବେ ।" ଏହି ଘଟଣାରୁ ଅନୁମାନ କରିହେବ ଓଡ଼ିଆ ଶିଶୁ-ସାହିତ୍ୟ ପ୍ରତି ବୈରାଗ୍ୟ ଭାବ କିପରି ଓଡ଼ିଶାରେ ଏହି ସାହିତ୍ୟ ବିଭାଗର ରୁଗ୍ଣାବସ୍ଥା ପାଇଁ ମୁଖ୍ୟତଃ ଦାୟୀ । ଗୋଟିଏ ବାକ୍ୟରେ କହିବାକୁ ଗଲେ, ଓଡ଼ିଆ ଭାଷାରେ ଉଚ୍ଚକୋଟୀର ଶିଶୁ-ସାହିତ୍ୟର ଅଭାବ ଏବଂ ଏହି ସାହିତ୍ୟ ବିଭାଗ ପ୍ରତି ପାଠକୀୟ ବିମୁଖତା, ଉଭୟ ଉକ୍ତି ବୋଧହୁଏ ପରସ୍ପରର କାରଣ ଓ ପରିଣାମ ।

ପ୍ରାରମ୍ଭିକ ଯୁକ୍ତିକୁ ଦୋହରାଇଲେ ଆମ୍ଭେ ଦେଖୁ ଆଧୁନିକ ସାହିତ୍ୟର

Digitized by PPRACHIN, SOA

ଆଦିପର୍ବରେ ଫକୀରମୋହନ ଓ ନନ୍ଦକିଶୋର ଯେଉଁ ଉଚ୍ଚକୋଟୀର ଶିଶୁସାହିତ୍ୟର ମୂଳଦୁଆ ପକାଇଥିଲେ ସେସବୁ ମୂଲ୍ୟବାନ କୃତି ସେମାନଙ୍କ ଗ୍ରନ୍ଥାବଳୀ ମଧ୍ୟରେ ସୀମିତ । ଏପରିକି ଗ୍ରନ୍ଥାବଳୀରେ ମଧ୍ୟ ଏହା ସବୁ ସମୟରେ ସ୍ଥାନିତ ହେଉନାହିଁ କିମ୍ବା ଏସବୁର ପୁନଃପ୍ରକାଶନ ଘଟୁନାହିଁ । ଏଭଳି ପରିସ୍ଥିତିରେ ନୂଆ ପିଢ଼ିର କୌଣସି ଲେଖକ କ'ଣ ପାଇଁ ବା ଶିଶୁସାହିତ୍ୟ ଲେଖିବା ଆଡ଼କୁ ମନ ବଳାଇବ ?

ତଥାପି ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅନେକ ଶିଶୁ-ସାହିତ୍ୟିକ ଓ ପତ୍ରପତ୍ରିକାର ସଫଳ ସମ୍ପାଦକଙ୍କର ଆବିର୍ଭାବ ହୋଇଛି । ଲେଖକମାନଙ୍କ ମଧ୍ୟରେ ରାମକୃଷ୍ଣ ନନ୍ଦ, ରାମପ୍ରସାଦ ମହାନ୍ତି (ଓରଫ ଜହ୍ନୁରୀ ଭାଇ) ଏବଂ ଆମ ସମସାମୟିକ ଦାଶ ବେନହୁରଙ୍କ ଲେଖା ବେଶ୍ ଆଦୃତି ଲାଭ କରିଛି । ନାରୀ କବିମାନଙ୍କ ମଧ୍ୟରୁ ବିଦ୍ୟୁତପ୍ରଭା ଦେବୀ ଓ ମନୋରମା ବିଶ୍ୱାଳ ମହାପାତ୍ରଙ୍କ ଶିଶୁ-ସାହିତ୍ୟକୁ ଅବଦାନ ପ୍ରଶଂସନୀୟ । ପତ୍ରପତ୍ରିକାମାନଙ୍କ ମଧ୍ୟରେ 'ଶିଶୁଲେଖା', 'ସୁନାପିଲା', 'ଜହ୍ନମାମୁ', 'ମୀନା ବଜାର', 'ସଂସାର' ଓ 'ଟୁଉକୁ ମୂଷୀ' ଓଡ଼ିଆ ଶିଶୁସାହିତ୍ୟିକମାନଙ୍କୁ ବେଶ୍ ଉତ୍ସାହ ଯୋଗାଇ ଆସିଛି । ତଥାପି କାହିଁକି କେଜାଣି 'ଶିଶୁସାହିତ୍ୟିକ' ଷ୍ଟାମ୍ପ ବାଜିବାକୁ ଅନେକ ସାହିତ୍ୟିକଙ୍କୁ ଡର !

କିନ୍ତୁ ଜେପି ଏପରି ଜଣେ କବି, କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ଲେଖକ ଯିଏକି ଶିଶୁ-ସାହିତ୍ୟ ରଚନା କରିବାକୁ ପଛଘୁଞ୍ଚା ଦେଇନାହାନ୍ତି । ଅଳ୍ପ ବୟସରେ ବିଶ୍ୱସାହିତ୍ୟ ତଥା ବିଭିନ୍ନ ଭାରତୀୟ ଭାଷାରେ ଲିଖିତ ସାହିତ୍ୟ ସହିତ ନିବିଡ଼ ପରିଚୟ ରଖିଥିବାରୁ ଜେପି ଜାଣିଛନ୍ତି ଯେ ଅଳ୍ପ ସମୟ ପାଠକପାଠିକାମାନଙ୍କ ମନୋରଞ୍ଜନ କରିବା ପାଇଁ ହେଲେ ତାଙ୍କର ବୁଦ୍ଧିକୁ ଟକ୍କର ଦେଲାଭଳି ଗଳ୍ପ, ନାନାବାୟା ଲେଖିବା ଦରକାର । ଅପେକ୍ଷାକୃତ ସହଜ ଲେଖା ମନେକରି ବିଭିନ୍ନ ନିରର୍ଥକ ଶବ୍ଦ ସଂଯୋଜନା ପୂର୍ବକ କବିତା ବା ରାଇମ୍ ଲେଖୁଥିବା ବେପରୁଆ ଲେଖକ-ଲେଖିକାଙ୍କ ହାତରେ ଏହି ଦାୟିତ୍ୱ ଛାଡ଼ି ହେବ ନାହିଁ । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଭାଷାରେ :

*ସହଜ କଥା ଲେଖିବାକୁ ମୋତେ କହଯେ*
*ସହଜ କଥା ଲେଖି ହୁଏନା ଏତେ ସହଜେ ।*

*(ବଙ୍ଗଳାରୁ ମୋର ଅନୁବାଦ)*

ଜଗନ୍ନାଥ ପ୍ରସାଦଙ୍କ ପ୍ରକାଶିତ *ଆଲୁକୁଚି ମାଲୁକୁଚି*, *ଅନାବନା* ପୁସ୍ତକରେ ସଂକଳିତ ପ୍ରାୟ ସମସ୍ତ କବିତା କବିଙ୍କ ଶ୍ରମର ପରିଣାମ ଓ ଲିଖନ ଚାତୁରୀ ଦ୍ୱାରା ଶୋଭାବନ୍ତ । ଏସବୁ ଲେଖାକୁ ବିଶ୍ଳେଷଣ କଲେ ରବୀନ୍ଦ୍ରନାଥଙ୍କ ଉକ୍ତିର ସତ୍ୟତା ପ୍ରମାଣ କରିହେବ ।

କହିବା ବାହୁଲ୍ୟ, ଉଚ୍ଚକୋଟୀର ଶିଶୁସାହିତ୍ୟ ଶିଶୁପାଠକମାନଙ୍କ ମଧ୍ୟରେ

Digitized by PPRACHIN, SOA

ସୀମିତ ହୋଇ ରହେ ନାହିଁ । ଏପରିକି ବିଶ୍ୱସ୍ତରୀୟ ସାହିତ୍ୟକୃତି ମଧ୍ୟରେ ଉଚ୍ଚସ୍ଥାନ ଅଧିକାର କରିଥିବା *ଏଲିସ ଇନ ୱଣ୍ଡରଲାଣ୍ଡ, ହକଲବେରି ଫିନ୍* ଏବଂ ବଙ୍ଗଳାର *ଆବୋଲ ତାବୋଲ* ଇତ୍ୟାଦି ବହି ବିଷୟରେ କୁହାଯାଏ ଯେ ଏମାନେ ପ୍ରତ୍ୟେକ ଦୁଇଟି 'ପାଠ' : ଗୋଟିଏ ଶିଶୁ ବା ଅପ୍ରାପ୍ତବୟସ୍କ ପାଠକମାନଙ୍କ ପାଇଁ ଓ ଅନ୍ୟଟି ପ୍ରାପ୍ତବୟସ୍କ ପାଠକମାନଙ୍କ ପାଇଁ । ଜେପିଙ୍କର ସମସ୍ତ ଶିଶୁ-କବିତା ଠିକ୍ ସେହିପରି ଦୁଇଟି ଅଲଗା ଅଲଗା 'ପାଠ' । ଯେକୌଣସି ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଏସବୁକୁ ପାଟିକରି ପଢ଼ିଲେ ଏ କଥାର ମର୍ମ ବୁଝିହେବ । ଏଗୁଡ଼ିକ ପାଞ୍ଚବର୍ଷର ଶିଶୁ ଯେତିକି ଉପଭୋଗ କରିବ, ସେଇ ବା ଅନ୍ୟ କାରଣ ପାଇଁ, କୋଡ଼ିଏ ବର୍ଷର ଯୁବକ-ଯୁବତୀ ବା ପଚାଶ ବର୍ଷର ପ୍ରୌଢ଼ ମଧ୍ୟ ସେତିକି ଉପଭୋଗ କରିବେ ।

ପ୍ରକୃତରେ, ଅନେକଙ୍କର ଭୁଲଧାରଣା ଯେ ଶିଶୁପାଠକ କୋମଳମତି ହୋଇଥିବାରୁ ତାଙ୍କୁ ନିର୍ବୋଧ ଭାବି ନିରର୍ଥକ ଶବ୍ଦ ସଂଯୋଜନା ଦ୍ୱାରା କବିତା ଲେଖିଲେ ତାହା ଶିଶୁ-କବିତା । ଯଥା "ଟକଲ ମକଲ, ଟକଲ ଟାଇଁ / ଆସରେ ପିଲେ ଆସରେ ଧାଇଁ !" ଆଉ କେତେକ ଲେଖକ ଭାବନ୍ତି ଶିଶୁ-କବିତା ଦ୍ୱାରା ଶିଶୁମାନଙ୍କୁ ଉପଦେଶ ବା ନୀତିଶିକ୍ଷା ଦେବା । ଜେପିଙ୍କ ଶିଶୁକବିତା ଲେଖା ଶୈଳୀ ସମ୍ପୂର୍ଣ୍ଣ ଭାବରେ ଭିନ୍ନ । କାରଣ ସେ ତାଙ୍କର ପାଠକଙ୍କୁ ଏକ ବୁଦ୍ଧିମାନ, ମାନସିକ ଖେଳୁଆଡ଼ ବୋଲି ପ୍ରଥମରୁ ଧରିନିଅନ୍ତି । ଯାହାଫଳରେ ଶିଶୁପାଠକଟି ସେଇ ବୁଦ୍ଧିର କସରତ କରିବା ପାଇଁ ଆଗଭର ହୁଏ । ଜେପି ସେଇ କୁନି ପାଠକଟିର ସ୍ମରଣଶକ୍ତିକୁ ମଧ୍ୟ ପ୍ରତିଯୋଗିତାକୁ ଟାଣି ଆଣନ୍ତି । ବେଳେବେଳେ ପ୍ରାପ୍ତବୟସ୍କ ପାଠକ ମଧ୍ୟ ଏହି ପ୍ରତିଯୋଗିତାରେ ଭାଗ ନେବାକୁ ବାଧ୍ୟ ହୋଇଥାଏ । ନିମ୍ନ ପ୍ରଦତ୍ତ ଉଦାହରଣ ଦ୍ୱାରା କଥାଟି ବୁଝି ହେବ । ଏଇଟି ହେଲା ଏକ ପଞ୍ଚପଦୀ ଲିମେରିକା ।

*ଭୀମଖୋଲର ଭାଗୀରଥି ଭାଇନା*
*ବାହାରିଥିଲେ ଯିବେ ବୋଲି ଚାଇନା*
*ପାଇଲେ ନାହିଁ ଭିସା*
*ତଥାପି ବୁଲା ନିଶା*
*'ଜୁ'ରେ ଯାଇ ଦେଖିଆସିଲେ ହାଇନା*

ଏଇ ଲିମେରିକଟିର ପ୍ରଥମ ଧାଡ଼ିରେ 'ଭ' ଅକ୍ଷରରେ ଆରମ୍ଭ ଶବ୍ଦଗୁଡ଼ିକର ପୁନରାବୃତ୍ତି ଶିଶୁପାଠକଟିର ଧ୍ୟାନ ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଗାଁର ନାମ ମଧ୍ୟ ତା'ର କୌତୂହଳ ଜାତ କରାଇଥାଏ । ଧାଡ଼ିଗୁଡ଼ିକର ସହଜ ଯତିପାତ ଫଳରେ ପାଠକଟି ଯେବେ ଏକା ନିଶ୍ୱାସରେ ଶେଷ ଧାଡ଼ି ପର୍ଯ୍ୟନ୍ତ ପହଞ୍ଚେ ସେତେବେଳେ ସିଏ ଦେଖେ ଭାଇନା ଚାଇନା ଯିବାରେ ବିଫଳ ହୋଇ ତା' ବଦଳରେ 'ଜୁ'କୁ ଯାଇ ହାଇନା

Digitized by PPRACHIN, SOA

ଦେଖିଆସିଲେ । ଏହା ଶିଶୁମନକୁ ନିଶ୍ଚୟ ଏକ ଅନାବିଳ ଆମୋଦ ଯୋଗାଇ ଦେବ । ଅଥଚ ଭାଇନାଙ୍କ ନିର୍ବୋଧତା ତୁଳନାରେ ସେ ନିଜର ବୁଦ୍ଧିର ପରିଚୟ ମଧ୍ୟ ପାଇଥାଏ । ଏହିଭଳି ଜେପିଙ୍କର ଅନେକ ମଜାଳିଆ ଲିମେରିକ ଓ ହାଇକୁ ସାନବଡ଼ ସମସ୍ତ ପାଠକଙ୍କୁ ଆନନ୍ଦ ଦିଏ । ସଂକଳନରେ ସ୍ଥାନ ପାଇଥିବା 'ଫୁଟାଣିଆ କୁକୁଡ଼ା' ଏବଂ ଅନ୍ୟାନ୍ୟ କବିତା ଦ୍ରଷ୍ଟବ୍ୟ । ଏସବୁକୁ ଲକ୍ଷ୍ୟ କଲେ ପ୍ରଥମେ ହୁଏତ ଲେଖାଗୁଡ଼ିକ ଖାମଖିଆଲି ବା ବେପରୁଆ ଢଙ୍ଗରେ ଲେଖାହୋଇଥିବା ମନେହେଇପାରେ । କିନ୍ତୁ ନିରେଖି ଦେଖିଲେ ଜଣାଯିବ, କବି କେତେ କୁଶଳୀ ଶବ୍ଦଶିଳ୍ପୀ ! ପ୍ରତ୍ୟେକ ଶବ୍ଦର ଚୟନ ତଥା ପ୍ରତ୍ୟେକଟିର ରାଇମ୍ ସୁଚିନ୍ତିତ ଏବଂ ଦ୍ୱିଭାଷୀ ଶବ୍ଦର ଖେଳ (ଓଡ଼ିଆ-ଓଡ଼ିଆ-ହିନ୍ଦୀ-ଇଂରାଜୀ, ଏପରିକି ଜାପାନୀ) ଚମତ୍କାର ଭାବେ ଆମୋଦଦାୟକ । ତାଙ୍କ ନାନାବାୟାର ଅନ୍ୟ ଏକ ଦିଗ ହେଲା, ଜଣାଶୁଣା ନାନାବାୟାକୁ ଏକ ନୂତନ ରୂପ ଦେବା କିମ୍ବା ଆଧୁନିକୀକରଣ କରିବା, ଯେମିତିକି, "ବିଲୁଆ ନନା/ଘର ପୋଡ଼ିଗଲା ପଛକୁ ଅନା", "ଦାସେ ପାଣିରେ ପଡ଼ିଲେ ମାସେ" ତଥା "ଉଚ୍ଚ ପରବତ କୁହୁଳିକୁହୁଳିକା" । ଠିକ୍ ସେହିପରି ପରିଚିତ ଢଗଢ଼ମାଳିକୁ ମଧ୍ୟ ସେ ନୂତନ ରୂପ ଦେଇ ବେଶ୍ ମନୋରଞ୍ଜନ କରିପାରିଛନ୍ତି ।

ତାଙ୍କର ସମସ୍ତ ନାନାବାୟା ନିମ୍ନଲିଖିତ ଚାରିଟି ବହିରେ ପ୍ରକାଶିତ ହୋଇଛି : 'ଆଲୁକୁଚି ମାଲୁକୁଚି', 'ଆଳିମାଳିକା', 'ଅନାବନା' ଓ 'ଆନମାନ' । ଅବଶ୍ୟ ଏଥିରେ ସନ୍ନିବେଶିତ ସମସ୍ତ କବିତା ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ନହୋଇ ପାରେ । ଗୋଟିଏକୁ ଛାଡ଼ିଦେଲେ (ଆଳିମାଳିକା) ଅନ୍ୟ ତିନୋଟି ପୁସ୍ତକ ବିଭିନ୍ନ ଚିତ୍ରଶିଳ୍ପୀଙ୍କ ଦ୍ୱାରା ଅଳଙ୍କୃତ । ଏହି ସଂକଳନରେ ସ୍ଥାନ ପାଇଥିବା ସମସ୍ତ ଚିତ୍ର ପ୍ରଫେସର ପ୍ରିୟଦର୍ଶୀ ପଟ୍ଟନାୟକ (ଆଇ.ଆଇ.ଟି., ଖଡ଼ଗପୁର) ଆଙ୍କିଛନ୍ତି । ଏହାବିନା ହୁଏତ ପୁସ୍ତକଟିର ମାନ କିଛିଟା ହ୍ରାସ ପାଇଥାନ୍ତା । ଆଶା କରିବି ସମସ୍ତ ଓଡ଼ିଆ ପାଠକଙ୍କ ଦ୍ୱାରା ଏହା ଆଦୃତ ହେବ । ଏହି ସଂକଳନର ଭାର ମୋ ଉପରେ ନ୍ୟସ୍ତ କରିଥିବାରୁ କବି ଜଗନ୍ନାଥ ପ୍ରସାଦ ଦାସଙ୍କ ପ୍ରତି ମୁଁ କୃତଜ୍ଞ ।

ସୁମନ୍ୟୁ ଶତପଥୀ

Digitized by PPRACHIN, SOA

# ଚିତ୍ରକରଙ୍କ ମତ

ଗୋଟିଏ ଅର୍ଥରେ ପ୍ରତ୍ୟେକ ଅନୁବାଦ ଯେପରି ବ୍ୟାଖ୍ୟା, ସେହିପରି ପ୍ରତ୍ୟେକ 'ନାନାବାୟା'ର ଚିତ୍ରରୂପ ଦେବା ଉଭୟ ବ୍ୟାଖ୍ୟା ଓ ଅନୁବାଦ । କୌଣସି ସଫଳ ଚିତ୍ରଣରେ ମୂଳ ଲେଖାଟିର 'ଗଳ୍ପ'ରେ କ'ଣ ଘଟିଛି ଓ ଘଟିବାକୁ ଯାଉଛି ତାହା ଦର୍ଶିତ ହୋଇଥାଏ । 'ନାନାବାୟା'ରେ ଚିତ୍ର ନଥିଲେ ମଧ୍ୟ ଉପଭୋଗ କରିହେବ । କିନ୍ତୁ ସେଗୁଡ଼ିକ ଯଦି ସଫଳ ଚିତ୍ରରୂପ ସହିତ ପାଠକ ପାଖରେ ପହଞ୍ଚେ, ମନୋରଞ୍ଜନର ମାତ୍ରା ଅଧିକ ହୁଏ । ଅଥଚ ଯଦି ଚିତ୍ରଗୁଡ଼ିକ ମୂଳପାଠ ସହିତ ତାଳ ରଖିନପାରେ, ପାଠକର ମନୋରଞ୍ଜନରେ ବାଧା ଆସେ । ବେଳେବେଳେ ଲାଗେ ନାନାବାୟାଗୁଡ଼ିକ ବିନା ଚିତ୍ରରେ ବେଶୀ ଉପଭୋଗ୍ୟ ହୋଇଥା'ନ୍ତା । ଜେପିଙ୍କ ନାନାବାୟାକୁ ରୂପ ଦେବା ଏକ ଚ୍ୟାଲେଞ୍ଜ । ଗୋଟିଏ ଗୋଟିଏ ଧାଡ଼ି ଏତେ ଘଟଣାପୂର୍ଣ୍ଣ ଏବଂ ଘଟଣାଗୁଡ଼ିକ ମଧ୍ୟ ଏପରି ଅଦ୍ଭୁତ, ପଢ଼ିବାର ମଜାକୁ ଚିତ୍ରରୂପ ଦେବା ଏକ କଷ୍ଟକର ବ୍ୟାପାର । ଏଇ ଚ୍ୟାଲେଞ୍ଜକୁ ସ୍ୱୀକାର କରି ମୁଁ ଅନେକ ସନ୍ତୋଷ ଲାଭ କରିଛି । କିନ୍ତୁ ଏହା ଯଦି ଜେପିଙ୍କ 'ନାନାବାୟା'କୁ ଉପଭୋଗ କରିବାରେ ପାଠକଙ୍କୁ ସାହାଯ୍ୟ କରିଛି ମୋର ପରିଶ୍ରମ ସାର୍ଥକ ହୋଇଛି ବୋଲି ଭାବିବି ।

ପ୍ରିୟଦର୍ଶୀ ପଟ୍ଟନାୟକ

Digitized by PPRACHIN, SOA

# ପ୍ରଥମ ଭାଗ

Digitized by PPRACHIN, SOA

Digitized by PPRACHIN, SOA

## ବିଲୁଆ ନନା

ଖରା ହେଉଥିଲା ବର୍ଷା ହେଉଥିଲା
ବରବେଶ ହୋଇ ବିଲୁଆ ନନା
ବାହା ହେବ ବୋଲି ବାହାରିବାବେଳେ
କିଏ ସେ କହିଲା ପଛକୁ ଅନା ।

ପଛକୁ ଅନାଇ ବିଲୁଆ ଦେଖିଲା
ଘରଟି ତାହାର ଗଲାଣି ପୋଡ଼ି
ଠିକ୍ କଲା ତେଣୁ ଏଥର ସେ ଯିବ
ଫାୟାର ବ୍ରିଗେଡ଼ ଗାଡ଼ିରେ ଚଢ଼ି ।



Digitized by PPRACHIN, SOA

Digitized by PPRACHIN, SOA



## ବିଲେଇ ନାନୀ

ବିଲେଇ ନାନୀ କରିଛି ଓଷା
ଏ ଯାଏ ଖାଇଛି ଗୋଟିଏ ମୂଷା
ଦୁଇଟି ପୋକ, ତିନିଟି ଜୋକ
ତଥାପି ଲାଗୁଛି ଆହୁରି ଭୋକ ।

ଚାରି ଝିଟିପିଟି ପାଞ୍ଚଟି ବଣି
କେମିତି କୋଉଠୁ ଖାଇବ ଆଣି
ଅନେଇ ବସିଛି ବିଲେଇ ନାନୀ ।

Digitized by PPRACHIN, SOA

ଲିମେରାଇକ୍‌କୁ

ଥିଲା, ତିରିଲାକୁ ନେଇ ଗରିଲା –
ଚରିଲା, ଫୁଲ ଗଛଟି ମରିଲା ;
ମୋ କଥାଟି ସରିଲା ।

Digitized by PPRACHIN, SOA

## ଖଣ୍ଡା ନାକ

ଖଣ୍ଡା ଭଳି ନାକ
ସେ ହେଉଛି ନାୟକ ;
ନାକ ଉପରେ ଖଣ୍ଡା
ସେ ହେଉଛି ଗଣ୍ଡା ।



Digitized by PPRACHIN, SOA

## ନଈ ପାରି

ବାଘ ମାଝି ପାନ ଛେଳି
ଚାରି ପଦାର୍ଥ ହେବେ ପାରି
ଛୋଟ ନାଆରେ କେତେ ପାଳି ?

Digitized by PPRACHIN, SOA



Digitized by PPRACHIN, SOA

ଛେଳି ଖାଇଲା ପାନ
ମାଝି ଖାଇଲା ଛେଳି,
ମାଝିକୁ ଖାଇ ବାଘ
ନାଆରେ ଗଲା ଚଢ଼ି ।
ଚାରିହେଁ ହେଲେ ନଇ ପାରି
ଏକା ଥରକେ ଏହିପରି ।



Digitized by PPRACHIN, SOA



Digitized by PPRACHIN, SOA

## ନାଟର ଗୋବର୍ଦ୍ଧନ

ବେଙ୍ଗ କରୁଥାଏ କଟର କଟର
ହାତୀ ଚଢ଼ିଯାଏ ମଟର,
ଗଛ କୋରଡ଼ରେ ପେଚା ଓ ମାଙ୍କଡ଼ୀ
ଗୋବର୍ଦ୍ଧନ ସବୁ ନାଟର ।



Digitized by PPRACHIN, SOA

Digitized by PPRACHIN, SOA



Digitized by PPRACHIN, SOA

## ପେଚା ଓ ମାଙ୍କଡ଼ୀ

ଗଛଡାଳେ ରହୁଥିଲେ ପେଚା ଆଉ ମାଙ୍କଡ଼ୀ
କଥାବାର୍ତ୍ତା ବନ୍ଦ କଲେ ଦିନେ ଅଭିମାନ କରି,
ଦୁହେଁ ହୋଇ ଦୁଃଖମନ
କାଟିଲେ ସାତଟି ଦିନ –
ଏଥିରେ କେବଳ ଯାହା କ୍ଷତି ହେଲା ତାଙ୍କରି ।

Digitized by PPRACHIN, SOA



Digitized by PPRACHIN, SOA

## ଇଂରେଜୀ ଟେଷ୍ଟ

ଚଢ଼େଇ, ପଶୁଙ୍କୁ ଥରେ ଇଂରେଜୀ ଟେଷ୍ଟରେ
'ହୁ ଆର ୟୁ' ବୋଲି ପଚାରିଲେ ମାଷ୍ଟ୍ରେ ।
କୁକୁଡ଼ା କହିଲା : 'କକ୍ କକ୍'
କୋଇଲି କହିଲା : 'କୁହ୍ କୁ' ;
ଛେଳି କହିଲା : 'ମି, ମି',
ପେଚା କହିଲା : 'ହ୍ୱାଟ୍ ? ହୁ ?'

କୁକୁଡ଼ା ପାଇଲା 'ଏ' କୋଇଲି ପାଇଲା 'ବି'
ଛେଳି ପାଇଲା 'ସି' ପେଚା 'ଡି' ।

Digitized by PPRACHIN, SOA





Digitized by PPRACHIN, SOA

## ପରୀକ୍ଷା

ସଂସ୍କୃତ ପରୀକ୍ଷାରେ ଗୋ –
ମହିଷାଦି ଥିଲେ ପଶୁ ସକଳ
ମାଷ୍ଟ୍ରଙ୍କୁ କହିଲା, ଭୋଃ !
ପାସ କଲା ଏକମାତ୍ର କୁକୁର ।



Digitized by PPRACHIN, SOA

Digitized by PPRACHIN, SOA

## ପୋଷା ଭାଷା

ବିଲାତୀ କୁକୁର କହିଲା, 'ବାଓ ୱାଓ' –
ତା' ସାହେବ କହିଲେ, 'ନାଓ ନାଓ !'
ଦେଶୀ କୁକୁର କହିଲା, 'ଭୋ, ଭୋ' –
ତା' ଖାଉନ୍ଦ କହିଲା, 'ଓଃ ହୋ !'



Digitized by PPRACHIN, SOA



## ଉଡ଼ା ଖବର

ଉଡ଼ିଗଲା ଗେଣ୍ଡାଳିଆ ଝାଡ଼ିଦେଲା ପର
ଭଦଭଦଳିଆ ଗଲା ଭଦ୍ରଖରୁ ସୋରୋ ।
ଖେଳରେ ରେଫରି କଲେ କଜଳପାତିକୁ
ମାଛରଙ୍କା ଝାମ୍ପ ଦେଲା ମଗର ପାଟିକୁ ।
କୁମ୍ଭାଟୁଆ ଗୀତ ଗାଏ ଆକାଶ ବାଣୀରେ
ପାଣିକୁଆ ବୁଡ଼ିଗଲା ଆଣ୍ଠୁଏ ପାଣିରେ ।

Digitized by PPRACHIN, SOA

ଶଙ୍ଖଚିଲ ମରିଗଲା ହୋଇ ଦୁର୍ଘଟଣା
କାଠହଣା ଜଙ୍ଗଲକୁ ଆସିବାକୁ ମନା ।
ଦେବାଳିଆ ହୋଇଗଲା ହଳଦୀବସନ୍ତ
ହାଡ଼ଗିଲା କଲିକ୍‌ରେ ହୁଏ ହନ୍ତସନ୍ତ ।
ଖୋଲିଛି କୋଚିଲାଖାଇ ଔଷଧ ଦୋକାନ
ପାତିହଂସ ପାଇଗଲା ପଦ୍ମ ବିଭୂଷଣ ।

Digitized by PPRACHIN, SOA

Digitized by PPRACHIN, SOA

## ପୋଡ଼ା କପାଳ

ଯେତେ ତାକୁ ଶିଖାଇଲେ 'କୁକୁଡୁ କୁଁ'
କହିଲା ସେ 'କକ୍-ଏ-ଡୁଡଲ ଡୁ' ।
ଫୁଟାଣିଆ କୁକୁଡ଼ା
ଖାଉ ଥା ଉଖୁଡ଼ା
ତନ୍ଦୁରୀ ଭାଗ୍ୟରେ ନାହିଁ ତୁ ହେବୁ ସ୍ଟୁ ।

Digitized by PPRACHIN, SOA

## ଡର

ଛାଗର ଡର ବାଘକୁ
ଫାଗକୁ ଡରେ ବାଘ
ଫାଗ ଡରିଥାଏ ଛାଗକୁ
ତିନିହେଁ ତିନିଙ୍କି ଆଗ ।

Digitized by PPRACHIN, SOA

Digitized by PPRACHIN, SOA

## ଏ ବି ସିଢ଼ି

ପେଚା ଖୋଲିଥିଲା ସ୍କୁଲ ଇଂରେଜୀ ପାଠର
କୋରଡ଼ରେ କ୍ଲାସ, ତାକୁ ସିଢ଼ି ଥିଲା କାଠର ।
ସିଢ଼ି ଚଢ଼ି ଆସୁଥିଲେ ତା ପାଖକୁ ନେଉଳ
ଗୁଣ୍ଡୁଚି ଠେକୁଆ ଓଧ କେବେ କେବେ ଶେଉଳ ।



Digitized by PPRACHIN, SOA

ପହଞ୍ଚିଲା ଦିନେ ଆସି ମୂଷା ଖରା ବେଳରେ
ସିଢ଼ିରେ ନ ଚଢ଼ି ଗଲା ଡେଇଁ ଡେଇଁ ଡାଳରେ ।
ପେଚା ଯେତେବେଳେ ତାକୁ ଅନାଇଲା ବିଗିଡ଼ି
ଡାଳକୁ ଦେଖାଇ ମୂଷା କହିଲା, ଏ ବି ସିଢ଼ି ।

Digitized by PPRACHIN, SOA



Digitized by PPRACHIN, SOA

## ଉତ୍ତମ ମଧ୍ୟମ

କେଉଁ ଡାକଟି ସବୁଠୁ ଖର
କୁକୁର କହିଲା, 'ଭୋ ଭୋ'
କେଉଁ ତମାଖୁ ସବୁଠୁ ଭଲ
ବିଲୁଆ କହିଲା, ହୁକା ହୋ ।

କେଉଁ ଗୀତଟି ସବୁଠୁ ମିଠା
ବେଙ୍ଗ କହିଲା, 'କଟର କେଁ'
କେଉଁ ମାସଟି ସବୁଠୁ ଚିଟା
ଛେଳି କହିଲା, 'ମେ ମେ' ।



Digitized by PPRACHIN, SOA

## ରାଷ୍ଟ୍ରଭାଷା

ରାଷ୍ଟ୍ରଭାଷା ଶିଖି ନୂଆ ନୂଆ
ବିଲୁଆ କହିଲା, 'କ୍ୟା ହୁଆ ?'
ପେଚା କହିଲା, 'ହାଁ, ହାଁ, ହୁଁ'
ବିରାଡ଼ି କହିଲା, 'ମେଁ ଆଉଁ ?'



Digitized by PPRACHIN, SOA

# ଦ୍ୱିତୀୟ ଭାଗ

Digitized by PPRACHIN, SOA

Digitized by PPRACHIN, SOA

## ଅନୁବାଦ

ପାଠରେ ମିଳାଇ ପାଠ ଚରଣରୁ ଚରଣ
ଯାହା ସେ ତିଆରି କରେ କରି ଅନୁସରଣ
ଦିଅଁ ଭଳି ନାହିଁ ଦିଶେ
ମାଙ୍କଡ଼ ନୁହେଁ ବି ସେ
ଦିଅଁ ମୁହାଁ ମାଙ୍କଡ଼, ଏଭଳି ତା ଗଢ଼ଣ ।

Digitized by PPRACHIN, SOA

## ଦଳ ବଦଳ

ବିରୋଧୀ ଦଳର ବିଧାୟକ
ଦଳ 'ଖ'ରୁ ଗଲା ଦଳ 'କ'
ମନ୍ତ୍ରୀ ହୋଇ ନ ପାରି
କହିଲା ସେ, ବୁଝିଲି
କଖଗଘ କିଛି ନାହିଁ ଫରକ ।

Digitized by PPRACHIN, SOA

Digitized by PPRACHIN, SOA




Digitized by PPRACHIN, SOA

## ନବରଙ୍ଗ ମହାନ୍ତି

ବାରଙ୍ଗର ବଡ଼ଲୋକ ନବରଙ୍ଗ ମହାନ୍ତି
ତାଙ୍କ ଘର ଖୋଜିଗଲେ ପ୍ରଥମରେ ବାଁ ହାତି,
ତା'ପରେ ଡାହାଣକୁ, ପୁଣିଥରେ ବାଁ
ଯାହାକୁ ପଚାର ଜାଣେ ବାବୁଙ୍କର ନାଁ –
ପହଞ୍ଚି ଦେଖିବ କିନ୍ତୁ ବାବୁ ଘରେ ନାହାନ୍ତି ।




Digitized by PPRACHIN, SOA



Digitized by PPRACHIN, SOA

## ଚିଠି

ଟଙ୍କା ପାଇଁ ବାପାଙ୍କୁ ସେ ଲେଖିଥିଲା ବିକଳେ
ଚିଠିଟି ପଠାଇଥିଲା ଏକ୍ସପ୍ରେସ ଡାକରେ,
ତିନିମାସ ଚାହିଁ ଚାହିଁ
ଅନେକ ମୋହର ନେଇ
ସେଇ ଚିଠି ପହଞ୍ଚିଲା ଫେରି ତା' ପାଖରେ

Digitized by PPRACHIN, SOA



Digitized by PPRACHIN, SOA

## କିଏ କେମିତି ଗଲା

ଶତପଥୀ ଗଲେ ଫଟଫଟିରେ
ପିଟର ଚାଲିଲା ସ୍କୁଟର ଧରି
ମାଇକେଲ ଗଲା ସାଇକେଲରେ
ମଟୁ ବାବୁ ଗଲେ ମଟର ଚଢ଼ି ।

ରାମ ବାବୁଙ୍କର ଟ୍ରାମ ସୁବିଧା
ବାସୁ ବାବୁଙ୍କର ଟାଉନ୍ ବସ୍
ପ୍ଲେନରେ ଉଡ଼ିଲେ ମିସେସ ସେନ
ଚାଲି ଚାଲି ଗଲା ଚରଣ ଦାସ ।

Digitized by PPRACHIN, SOA



Digitized by PPRACHIN, SOA

## ବୁଲୁ ପଟନାୟକ

ବଲାଙ୍ଗୀରପାଟନାର ବୁଲୁ ପଟନାୟକ
ଯାଇଥିଲା ବମ୍ବେକୁ ହେବା ପାଇଁ ନାୟକ,
ହିରୋ ହେବା ନୋହିଲା
ତଥାପି ସେ ରହିଲା
ହୋଇଯାଇପାରେ ଯଦି ପ୍ଲେବ୍ୟାକ ଗାୟକ !



Digitized by PPRACHIN, SOA

Digitized by PPRACHIN, SOA

## ଓତାବାବୁ

ଆସିକାର ଓତାବାବୁ ଖୋଲିଥିଲେ କମ୍ପାନୀ
ନାଁରୁ ଭାବିଲେ ଲୋକେ ଓସାକାର ଜାପାନୀ ;
ଅତି ଖୁସି ହୋଇ ଓତା
ଶିଖିଲେ ଜାପାନୀ କଥା :
ଓହାଇଓ ଗୋଜାଇମାସୁ ଆରିଗାତୋ ତାମାନୀ ।



Digitized by PPRACHIN, SOA

Digitized by PPRACHIN, SOA



## ବିଲାତ ଫେରନ୍ତା

ମଫସଲ କଲେଜର ସଂସ୍କୃତ ମାଷ୍ଟ୍ର
ବିଲାତରେ ପଢ଼ିସାରି ଦର୍ଶନ ଶାସ୍ତ୍ର
ଫେରିଲେ ସେ ଜେଟ୍ ସେଟ୍
ନେଇ ସାଥେ ଆକସେଣ୍ଟ୍
କାଣ୍ଟ କିଏର୍କଗାର୍ଡ଼ ହେଗେଲ ଓ ସାର୍ତ୍ର ।

Digitized by PPRACHIN, SOA

## କଟକର ଯୁବକ

ରହୁଥିଲା ଜଣେ ବେକାର ଯୁବକ କଟକରେ
କୁଳଉ ନଥିଲା ଘର ଚଳିବାର ଅଟକଳେ,
ଦଉଡ଼ି ଦଉଡ଼ି ଛିଣ୍ଡିଗଲା ଚଟି
ତଥାପି ନମିଳେ ଚାକିରି କେଉଁଠି
କଲିକତା ଯାଇ ଶେଷକୁ ରହିଲା ଚଟକଳେ ।






Digitized by PPRACHIN, SOA

## ଡାକବଙ୍ଗଳାରେ ରାତି

ବିଛଣା ଉପରେ ଶୋଇ ଲିଭାଇଛି ଲଣ୍ଠନ
ଓହ୍ଲାଇଲେ ଦେଢ଼ ଲକ୍ଷ ମଶାଙ୍କର ସ୍କ୍ୱାଡ୍ରନ
ଧରିଲେ ଉଡ଼ାଇ ନେବେ ସାଥିରେ
ଭାଗ୍ୟକୁ ମତେ ଟାଣି ରଖିଲେ
ବିଛଣାର ଦୁଇ ଲକ୍ଷ ଓଡ଼ଶଙ୍କ ପଲଟଣ ।

Digitized by PPRACHIN, SOA

Digitized by PPRACHIN, SOA

## ପଦକାର

ଥିଲେ ଜଣେ ପଦକାର ପଣ୍ଡିତ ମଦାଳସ
ଜୀବନଟି ତାଙ୍କର ପଦେ ପଦେ ପଦାଳସ
ପ୍ରିୟ ଜାଗା ବନାରସ
ପ୍ରିୟ ଫଳ ଅନାରସ
ପ୍ରିୟ ଘୋଡ଼ା ପେଗାସସ, ପ୍ରିୟ ବହି ଥେସାରସ ।



Digitized by PPRACHIN, SOA

Digitized by PPRACHIN, SOA

# ଆଠଗଡ଼ର ପିଲା

ନିଘୋଡ଼ ନିଦରେ ଶୋଇ ରାତି ଆଠଟାରେ
ସ୍ୱପ୍ନରେ ଦେଖିଲା ଯାହା ହେଉଛି ସେଠାରେ ।
ଆଠଜଣ କାଠୁରିଆ କାଟୁଛନ୍ତି କାଠ
ଆଠ ଗୋଟିପୁଅ ମିଶି କରୁଛନ୍ତି ନାଟ ।
ଅକ୍ଟୋପସ ବସିଅଛି ଆଠ ହାତ ଖୋଲି
ଆଠଟି ସମୁଦ୍ର ଜୀବ ଧରିନେବ ବୋଲି ।
ସମ୍ମୁଖରେ ଅଷ୍ଟଧାତୁ ଦେବୀ ପ୍ରତିମାର
ଅଷ୍ଟ ଅବଧାନୀ କରେ ସାଷ୍ଟାଙ୍ଗ ଜୁହାର ।
ଏତେବେଳେ ଆଠଜଣ ଚିରଗୁଣୀ ଆସି
ଆଠଟି ଡାହାଣୀ ଆଠ ଭୂତ ସଙ୍ଗେ ମିଶି
ଡରାଇଲେ ନାଚିକୁଦି ତା ସ୍ୱପ୍ନ ଭିତରେ
ଚମକି ଉଠିଲା ପିଲା ନିଦ ବାଉଳାରେ ।
ଆଖିଖୋଲି ଦେଖିନେଲା ଚାରିଆଡ଼େ ତାର
ଜଗି ରହିଛନ୍ତି ତାକୁ ଆଠ ଦିକ୍‌ପାଳ ।
ଏଥରକ ଆଉ କିଛି ଭୟ ନାହିଁ ଜାଣି
ନିଦରେ ନିଦକ ହୋଇ ଶୋଇଗଲା ପୁଣି ।



Digitized by PPRACHIN, SOA



## ସମୀକ୍ଷକ

ପ୍ରତି ପୃଷ୍ଠାରେ ଖୋଜି କିଛି କିଛି ଛିଦ୍ର
ବହିଟି ପଢ଼ାରେ କାଟେ ରାତିଟି ବିନିଦ୍ର
ଲେଖେ ଯେଉଁ ଆଲୋଚନା
ବହି କଥା ଥାଏ ଊଣା
ଇଂରେଜୀ ଉଦ୍ଧୃତି, ଉପଦେଶ ବି.ଦ୍ର. ।



Digitized by PPRACHIN, SOA

## ଭାଗୀରଥି ଭାଇନା

ଭୀମଖୋଲର ଭାଗୀରଥି ଭାଇନା
ବାହାରିଥିଲେ ଯିବେ ବୋଲି ଚାଇନା
ପାଇଲେ ନାହିଁ ଭିସା
ତଥାପି ବୁଲା ନିଶା
'ଜୁ'ରେ ଯାଇ ଦେଖି ଆସିଲେ ହାଇନା ।

Digitized by PPRACHIN, SOA

## ପ୍ରଫେସର କର

ଥିଲେ ଖର ପ୍ରକୃତିର ପ୍ରଫେସର କର
ପିତ୍ତ ଚଢୁଥିଲା ସଦା ମଥାକୁ ତାଙ୍କର ;
ରାଗେ ହୋଇ ଗରଗର
ମୁଣ୍ଡରୁ ଛିଣ୍ଡାନ୍ତି ବାଳ
ଅତି ଶୀଘ୍ର ହୋଇଗଲେ ସମ୍ପୂର୍ଣ୍ଣ ଟାଙ୍ଗର ।

Digitized by PPRACHIN, SOA



Digitized by PPRACHIN, SOA



## ସଦାନନ୍ଦ ଶତପଥୀ

ଶରଣକୁଳର ବାବୁ ସଦାନନ୍ଦ ଶତପଥୀ
ଯାଉଥିଲେ ଚଢ଼ି ଦିନେ ତାଙ୍କ ନୂଆ ଫଟଫଟି
ଟ୍ରାଫିକ୍ ଆଲୁଅ ଲାଲ
ତାକୁ ସିଏ ହେଲେ ପାର
ଏପରି ଭାବରେ ବାବୁ ପାଇଗଲେ ସଦ୍‌ଗତି ।

Digitized by PPRACHIN, SOA

Digitized by PPRACHIN, SOA




Digitized by PPRACHIN, SOA

## ହାଇକୁ

କ'ଣ କରିବି ବୋଲି ଯେତେବେଳେ
ପଚାରିଲା ସିଏ ଭାଇକୁ,
ସେ କହିଲା, ତୁ ପୂରା ଅପଦାର୍ଥ
ଏତେ କମ୍ ତୋର ଆଇ.କ୍ୟୁ ।
ରୁଷି ଯାଇ ତେଣୁ ଘରୁ ଚାଲିଯାଇ
ଲେଖିଲା ସେ ବସି ହାଇକୁ ।

Digitized by PPRACHIN, SOA

## ସରଳାର୍ଥ

ଦିନ ମାନେ ଅହ୍ନ କାକ ମାନେ ବାୟସ
ମୁଖ ମାନେ ବଦନ ମାଂସ ତରସ ।
ଓଟ ମାନେ ଧୂସକ ପେଚା ମାନେ ଧୂକ
ସାପ ମାନେ ଜିହ୍ମଗ ହେଟା ବାଘ ବୃକ ।
ବାର୍ହା ମାନେ ଘୃଷ୍ଟି ବଗ ମାନେ କହ୍ବ
ମାଙ୍କଡ଼ ପ୍ଲବଗ ମୟୂର ବର୍ହି ।
ଅଧୀନ ନିଘ୍ନ ଓ କଠୋର ତିଗ୍ମ
ପାଠ ସବୁ ଏଥରକ ସରଳ ଅଜିହ୍ମ ।



Digitized by PPRACHIN, SOA



Digitized by PPRACHIN, SOA

# କଥା ଉଠେ

ଛୁରୀ ଚାଲେ    ହାଟ ବସେ
    ଷଣ୍ଢ ଖାଏ ହାଙ୍କଡ଼
ପେଟ କାଟେ    ଦେହ ଜଳେ
    ପୋଡ଼ିଯାଏ କପାଳ ।
ମେଘ ଉଠେ    ଖରା ପଡ଼େ
    ଉଠେ ପଡ଼େ ବଜାର
    ମଉଜ ବାହାରି ଯାଏ
    ଛାତି ଫାଟି ହଜାର ।
ଛାଇ ଲେଉଟିଲେ ବେଳ ଗଡ଼ିଯାଏ
ରାତି ମାଡ଼ିପଡ଼େ ମନ ମରିଯାଏ ।



Digitized by PPRACHIN, SOA



## ଦନ୍ତ୍ୟ

କିଛି ପୀଡ଼ା ଶାରୀରିକ
କିଛି ମାନସିକ, କିଛି ଆର୍ଥିକ ।
କିନ୍ତୁ ଯେ ପୀଡ଼ନଟି
ଏ ସବୁର ଅନ୍ତ୍ୟ
ତା ହେଉଛି ଦନ୍ତ୍ୟ ।

Digitized by PPRACHIN, SOA



Digitized by PPRACHIN, SOA

## ନାନାବାୟା

କକବାୟା କୋକମିନା କୋକୁଆ
ଧୂସରଧୁମାକୁ ଦେଖି ଭକୁଆ ।
ଚିରଗୁଣୀ ପିଶାଚିନୀ ଡାହାଣୀ
କୁଣ୍ଡାଭୂଷୁଣ୍ଡୀ ଆଗେ ଚୋରଣୀ ।
ଯାହାର ପ୍ରଳାପ ଶୁଣି
ପଳାନ୍ତି ଏ ସମସ୍ତେ
ସେଇ ୟେତିକୁ ବାବା
ନମସ୍ତେ ନମସ୍ତେ ।



Digitized by PPRACHIN, SOA

## ଘର

ରଜା ରହିଥାଏ ରାଜବାଟୀରେ
ଜେଲ ଘରେ ରହେ ଚୋର
ଦଦରା କୋଠାରେ ବାବନାଭୂତ
ଚଷାର କୁଡ଼ିଆ ଘର ।

ସାପ ରହିଥାଏ ଉଇ ହୁଙ୍କାରେ
ଡାଳରେ ଚଢ଼େଇ ବସା
ପଙ୍କ ଗାଡ଼ିଆରେ ବେଙ୍ଗର ଘର
ଗାତ ଖୋଳି ରହେ ମୂଷା ।

ମହୁମାଛି ଥାଏ ମହୁଫେଣାରେ
ଦେଉଳ ହେଉଛି ଦିଅଁଙ୍କ ଘର
ଗୁମ୍ଫାରେ ରହନ୍ତି ମୁନି ଋଷି ଭାଲୁ
ଗୁଣ୍ଡୁଚିର ଘର ଗଛ କୋରଡ଼ ।

Digitized by PPRACHIN, SOA

ନିଜ ନିଜ ଘର ଗେଣ୍ଡା କଇଁଛ
ବସ୍ତାନି ବହିର ଘର
କୁନି ପିଲା ଘର ମା'ର କୋଳ
ସପନର ଆଖି ତଳ ।

କିନ୍ତୁ,
ଫୁଟପାଥ ନୁହେଁ ମଣିଷର ଘର
ବାଘ ଘର ନୁହେଁ ଚିଡ଼ିଆଖାନା
ପଂଜୁରି ନୁହଁଇ ଚଢ଼େଇର ବସା
କାହା ଘର ନୁହେଁ ପୁଲିସ ଥାନା ।

Digitized by PPRACHIN, SOA

## ସତ୍ୟାସତ୍ୟ

ଏକମାତ୍ର ସତ୍ୟ କଥା ଶୁଣିନିଅ
ହେ ମୋର ଅପତ୍ୟ
ମୁଁ ତମକୁ ଯାହା ସବୁ କହୁଚି ତା
ସଂପୂର୍ଣ୍ଣ ଅସତ୍ୟ ।

Printed at: Royal Offset Printers, New Delhi

Digitized by PPRACHIN, SOA

ଜଗନ୍ନାଥ ପ୍ରସାଦ ଦାସ (୧୯୩୬) ଏକାଧାରରେ କବି, ଗାଳ୍ପିକ, ନାଟ୍ୟକାର, ଔପନ୍ୟାସିକ, ଗବେଷକ ଓ ଚିତ୍ରକର । କଳା-ଇତିହାସରେ ପିଏଚ୍‌ଡି ଡିଗ୍ରୀପ୍ରାପ୍ତ ଡକ୍ଟର ଦାସଙ୍କର ପାରମ୍ପରିକ ଓଡ଼ିଶୀ ଚିତ୍ରକଳାର ଗବେଷଣା କ୍ଷେତ୍ରରେ ଏକ ବିଶେଷ ପରିଚିତି ଅଛି । ଭାରତୀୟ ପ୍ରଶାସନିକ ସେବାରୁ ସ୍ୱେଚ୍ଛାରେ ଅବ୍ୟାହତି ନେଇ କଳା ଓ ସାହିତ୍ୟ ଭିତରେ ନିଜକୁ ନିୟୋଜିତ କରିଥିବା ଡକ୍ଟର ଦାସ ସର୍ବଭାରତୀୟ ସ୍ତରରେ ଏକ ଉଜ୍ଜ୍ୱଳ ସାରସ୍ୱତ ବ୍ୟକ୍ତିତ୍ୱ । ନିଜସ୍ୱ ସାହିତ୍ୟକୃତି ପାଇଁ ସେ ସାହିତ୍ୟ ଅକାଦେମି ଓ ସରସ୍ୱତୀ ସମ୍ମାନ ସମେତ ବହୁ ମର୍ଯ୍ୟାଦାଜନକ ପୁରସ୍କାରରେ ସମ୍ମାନିତ । *ଆଲୁକୁଚି ମାଲୁକୁଚି*, *ଆଳିମାଳିକା*, *ଅନାବନା* ଓ *ଆନମାନ* ତାଙ୍କର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ନାନାବାୟା ଗୀତର ସଂକଳନ ।

**ସୁମନ୍ୟୁ ଶତପଥୀ** ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଇଂରେଜୀ ବିଭାଗର ପ୍ରାକ୍ତନ ପ୍ରଫେସର । ଓଡ଼ିଆ ସାହିତ୍ୟକୁ ଇଂରେଜୀ ଭାଷା ମାଧ୍ୟମରେ ପରିଚିତ କରାଇବା କ୍ଷେତ୍ରରେ ତାଙ୍କର ଅବଦାନ ଉଲ୍ଲେଖଯୋଗ୍ୟ । **ପ୍ରିୟଦର୍ଶୀ ପଟ୍ଟନାୟକ** ଆଇଆଇଟି ଖଡ଼ଗପୁରର 'ଡିପାର୍ଟମେଣ୍ଟ ଅଫ୍ ହ୍ୟୁମାନିଟିଜ ଏଣ୍ଡ ସୋସିଆଲ ସାଇନ୍‌ସେସ'ର ପ୍ରଫେସର । ଜଣେ ଚିତ୍ରଶିଳ୍ପୀ, ଲେଖକ ଓ ଅନୁବାଦକ ଭାବରେ ସେ ସୁପରିଚିତ ।

Nanasense (*Odia*)

nbt.india
एकः सूते सकलम्
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

₹ 100.00
ISBN 812379005-8
9788123790053
19201675

Digitized by PPRACHIN, SOA